# ଓଡ଼ିଶା ସରକାର

## ଅର୍ଥ ବିଭାଗ

***

ପତ୍ର ସଂଖ୍ୟା. ୨୮୦୧୮ /ଅ,　　　　　　　　　　ତା: ୧୫/୧୦/୨୦୨୫ ରିଖ

FIN-BUD1-BT-0005-2025

ପ୍ରେରକ

ସଞ୍ଜୀବ କୁମାର ମିଶ୍ର, ଭା.ପ୍ର.ସେ.

ପ୍ରମୁଖ ଶାସନ ସଚିବ

ପ୍ରାପ୍ତେଷୁ

ରାଜ୍ୟ ସରକାରଙ୍କ ସମସ୍ତ ବିଭାଗର

ଅତିରିକ୍ତ ମୁଖ୍ୟ ଶାସନ ସଚିବ/

ପ୍ରମୁଖ ଶାସନ ସଚିବ/

କମିଶନର ତଥା ଶାସନ ସଚିବ

ବିଷୟ: ୨୦୨୫-୨୬ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ ନିମନ୍ତେ ପ୍ରସ୍ତାବ ।

ମହାଶୟା / ମହଶୟ ,

ନିର୍ଦ୍ଦେଶକ୍ରମେ ମୁଁ ଏହା ଜଣାଉଛି କି, ଆର୍ଥିକ ବର୍ଷ ୨୦୨୫-୨୬ର ବାର୍ଷିକ ବଜେଟ୍ ୧୭ ଫେବୃଆରୀ ୨୦୨୫ରେ ବିଧାନସଭାରେ ଉପସ୍ଥାପିତ ହୋଇଥିଲା ଏବଂ ୨୯ ମାର୍ଚ୍ଚ ୨୦୨୫ରେ ବ୍ୟୟ ମଞ୍ଜୁରୀ ବିଧେୟକ ପ୍ରଣୟନ ହୋଇଥିଲା ।

୨. ଇତିମଧ୍ୟରେ, ଆମେ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ ଶେଷ କରିଛୁ ଏବଂ ବିଭାଗଗୁଡ଼ିକୁ କେତେକ ନୀତିଗତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ବଜେଟ୍ ଆବଣ୍ଟନର କିଛି ଆଭ୍ୟନ୍ତରୀଣ ସଂଶୋଧନ/ପରିବର୍ତ୍ତନ ଆବଶ୍ୟକ, ଯେପରିକି - ନୂତନ ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟକାରିତା, ଭାରତ ସରକାରଙ୍କ ନୂତନ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା କାର୍ଯ୍ୟକାରିତା ଏବଂ ସରକାରଙ୍କ ଅନ୍ୟାନ୍ୟ ବିକାଶ ମୂଳକ ଏବଂ ଜନ କଲ୍ୟାଣକାରୀ ପଦକ୍ଷେପ ଗୁଡିକର କାର୍ଯ୍ୟକାରିତା । ଏତଦବ୍ୟତୀତ କିଛି ଅତିରିକ୍ତ ଆବଶ୍ୟକତା ଭରଣା ପାଇଁ ଆବଶ୍ୟକ ସ୍ଥଳରେ ବଜେଟ ଆବଣ୍ଟନ ପୁନଃ ବିନିଯୋଗ କରାଯାଇଛି । ଉପରୋକ୍ତ ପ୍ରସଙ୍ଗଗୁଡ଼ିକୁ ଅତିରିକ୍ତ ବଜେଟ, ୨୦୨୫-୨୬ ମାଧ୍ୟମରେ କାର୍ଯ୍ୟକାରି କରିବାର ଆବଶ୍ୟକତା ରହିଛି । ବିଧାନସଭାର ଶୀତକାଳୀନ ଅଧିବେଶନରେ ୨୦୨୫-୨୬ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ୍ ଉପସ୍ଥାପନା ହେବାର ସମ୍ଭାବନା ରହିଛି । ତଦନୁଯାୟୀ, ପ୍ରସ୍ତାବିତ ବ୍ୟୟ ବରାଦକୁ ଅତିରିକ୍ତ ବଜେଟ୍ ରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବଗୁଡିକ ନିମ୍ନରେ ଦର୍ଶାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଅର୍ଥ ବିଭାଗକୁ ଦାଖଲ କରିବା ଆବଶ୍ୟକ ।

୩. **ସରକାରଙ୍କ ଚଳିତ ବର୍ଷର ପ୍ରାଥମିକତା :** ରାଜ୍ୟ ସରକାର ସାଧାରଣ ସେବା ପ୍ରଦାନର ଉଚ୍ଚ ମାନଦଣ୍ଡ ହାସଲ କରିବା ପାଇଁ କିଛି ପ୍ରମୁଖ ବିକାଶ ସ୍ତମ୍ଭ ଚିହ୍ନଟ କରିଛନ୍ତି, ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଏବଂ

ନାଗରିକଙ୍କ ଜୀବନର ଗୁଣବତ୍ତା ବୃଦ୍ଧି କରିବା । ଏହି ସ୍ତମ୍ଭଗୁଡ଼ିକ- ଅନ୍ନଦାତା, ସମୃଦ୍ଧି, ସମାନତା, ସୁସ୍ଥ ଓଡ଼ିଶା, ଜଳବାୟୁ ପ୍ରସ୍ତୁତ ଓଡ଼ିଶା, ନବସୃଜନ, ସନ୍ତୁଳିତ ଆଞ୍ଚଳିକ ବିକାଶ, ସୁଶାସନ ଏବଂ ଓଡିଆ ଅସ୍ମିତା- ରୂପାନ୍ତରଣକାରୀ ଶାସନ ଏବଂ ସାମଗ୍ରିକ ବିକାଶ ପାଇଁ ମାର୍ଗଦର୍ଶିକା ଅଟେ । ତେବେ, ଏହି ପଦକ୍ଷେପଗୁଡ଼ିକୁ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ଆକାଂକ୍ଷା ସହ ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣ ସାକାର କରିବା ଦିଗରେ କଳ୍ପନା କରାଯାଇଛି ।

୪. **ଅର୍ଥନୈତିକ ଓ ବିତ୍ତୀୟ ଦୃଷ୍ଟିକୋଣ :** ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ଉଲ୍ଲେଖ କରିଛନ୍ତି ଯେ, ଭାରତର ଆଭ୍ୟନ୍ତରୀଣ ଅର୍ଥନୈତିକ କାର୍ଯ୍ୟକଳାପ ସୁସ୍ଥ ଅଛି । ଯାହାକି ଏକ ଦୃଢ ଘରୋଇ ଓ ସରକାରୀ ଉପଭୋଗ ଏବଂ ସ୍ଥିର ନିବେଶ ଦ୍ୱାରା ସମର୍ଥିତ ରହିଛି । ସ୍ୱାଭାବିକ ଦକ୍ଷିଣ-ପଶ୍ଚିମ ମୌସୁମୀ, ଅନୁକୂଳ ଆର୍ଥିକ ପରିସ୍ଥିତି, ଉତ୍ପାଦନ କ୍ଷମତା ଉପଯୋଗରେ ବୃଦ୍ଧି, କେନ୍ଦ୍ର ସରକାରଙ୍କ ପୁଞ୍ଜି ଖର୍ଚ୍ଚ ଉପରେ ନିରନ୍ତର ଗୁରୁତ୍ୱ ଏବଂ GST ୨.୦ ସଂସ୍କାର, ଅଭିବୃଦ୍ଧି ଦୃଷ୍ଟିକୋଣ ପାଇଁ ଶୁଭ ସଙ୍କେତ ଅଟେ । ବାର୍ଷିକ ବଜେଟ, ୨୦୨୫-୨୬ ଆକଳନ ସମୟରେ GSDP ଅଭିବୃଦ୍ଧି ୮% ହେବ ବୋଲି ଅନୁମାନ କରାଯାଇଥିଲା । RBI ପୂର୍ବାନୁମାନ କରିଛନ୍ତି ଯେ, ୨୦୨୫-୨୬ ରେ ପ୍ରକୃତ GDP ଅଭିବୃଦ୍ଧି ୭% ରହିବ । ସେପ୍ଟେମ୍ବର, ୨୦୨୫ ପର୍ଯ୍ୟନ୍ତ ରାଜସ୍ୱ ପ୍ରାପ୍ତି ପୂର୍ବ ବର୍ଷର ସଂଗ୍ରହ ତୁଳନାରେ ୨% ବୃଦ୍ଧି ପାଇଛି । ସେପ୍ଟେମ୍ବର, ୨୦୨୫ ପର୍ଯ୍ୟନ୍ତ ମୋଟ ଖର୍ଚ୍ଚ (ଋଣ ସେବା ବ୍ୟତୀତ), 2025-26 (BE) ର ୩୪% ଅଟେ । ଭାରତରୁ ଆମଦାନୀ ଉପରେ ଆମେରିକାର ଶୁଳ୍କ ଲାଗୁ ଏବଂ GST ୨.୦ ସଂସ୍କାରକୁ ଦୃଷ୍ଟିରେରଖି ରାଜ୍ୟ ସରକାରଙ୍କ ରାଜସ୍ୱ ପ୍ରାପ୍ତିର ଧାରା ଉପରେ କଡ଼ା ନଜର ରଖିବା ଆବଶ୍ୟକ । ଅଭିବୃଦ୍ଧି ଗତିକୁ ବଜାୟ ରଖିବା ପାଇଁ ଭିତ୍ତିଭୂମି ଖର୍ଚ୍ଚ ଉପରେ ବିଶେଷ ଗୁରୁତ୍ୱ ଦେଇ ଖର୍ଚ୍ଚର ଗତିକୁ ତ୍ୱରାନ୍ୱିତ କରିବାକୁ ପଡିବ ।

୫. **ବଜେଟରେ ପୁନଃ-ପ୍ରାଥମିକତା ପାଇଁ ପ୍ରୟାସ :** ୨୦୨୫-୨୬ ବାର୍ଷିକ ବଜେଟ୍ ପ୍ରସ୍ତୁତ କରିବା ସମୟରେ ବିତ୍ତୀୟ ନିଅଣ୍ଟର ହାରକୁ GSDPର ୩.୨% ଆକଳନ କରାଯାଇଥିଲା । ପ୍ରଶାସନିକ ବିଭାଗମାନେ ଜୀବିକା ସମ୍ବନ୍ଧୀୟ ବ୍ୟୟ ଏବଂ ଚାଲୁଥିବା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସମାପ୍ତି ପାଇଁ ସଠିକ ଆକଳନ କରିବା ଆବଶ୍ୟକ, ଯାହାଦ୍ୱାରା ରାଜ୍ୟରେ ଅର୍ଥନୈତିକ କାରବାରକୁ ଆବଶ୍ୟକ ପ୍ରୋତ୍ସାହନ ମିଳିବ । ତେଣୁ ୨୦୨୫-୨୬, ର ଅତିରିକ୍ତ ବଜେଟରେ ଚାଲୁଥିବା ଏବଂ ନୂତନ ଯୋଜନା ମାନଙ୍କର ପୁନଃ-ପ୍ରାଥମିକିକରଣ ଆବଶ୍ୟକ । ଏଥିରେ ପ୍ରଶାସନିକ ବିଭାଗମାନେ ଅତିରିକ୍ତ ବ୍ୟବସ୍ଥା ପାଇଁ ପୁନଃବିନିଯୋଗ ପରିସର ବହିର୍ଭୂତ ୟୁନିଟରୁ ସମତୂଲ୍ୟ ସଞ୍ଚୟକୁ ଅନ୍ୟ କୌଣସି ୟୁନିଟରେ ଉପଯୋଗ କରିପାରିବେ । ନୂତନ ପୁଞ୍ଜି ପ୍ରକଳ୍ପ, ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ନୂତନ ଯୋଜନା ଏବଂ ଜୀବିକା ସୁଯୋଗ ସୃଷ୍ଟି ପାଇଁ ପ୍ରସ୍ତାବଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ପାଣ୍ଠି ଯୋଗାଇ ଦିଆଯିବ ।

୬. **ବାସ୍ତବ ଆବଶ୍ୟକତା ଏବଂ ଖର୍ଚ୍ଚ କ୍ଷମତା ଉପରେ ଆଧାରିତ ଅତିରିକ୍ତ ବଜେଟ ପ୍ରସ୍ତାବ :** ଏହା ପ୍ରାୟତଃ ଦେଖାଯାଏ ଯେ, ଅତିରିକ୍ତ ବଜେଟ ପ୍ରସ୍ତାବ ଗୁଡ଼ିକ, ବିଶେଷକରି କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବ, ବିନା ଯତ୍ନ ଏବଂ ସତର୍କତା ସହ ପ୍ରସ୍ତୁତ କରାଯାଉଛି । ଏହାର ପରିଣତି ସ୍ୱରୂପ ଆର୍ଥିକ ବର୍ଷ ଶେଷରେ ବହୁଳ ପରିମାଣର ପାଣ୍ଠି ଖର୍ଚ୍ଚ ନହୋଇ ସମର୍ପଣ ହୋଇଥାଏ । ଅତିରିକ୍ତ ବଜେଟ ବ୍ୟବସ୍ଥାର ଏଭଳି ସମର୍ପଣ ଉପରେ ମହାଲେଖାକାର, ଓଡ଼ିଶା ପ୍ରତି ବର୍ଷ ପ୍ରତିକୂଳ ମନ୍ତବ୍ୟ ଦେଉଛନ୍ତି । ତେଣୁ ଅତିରିକ୍ତ ବଜେଟ ପ୍ରସ୍ତାବ ଅବାସ୍ତବ ଢଙ୍ଗରେ ପ୍ରସ୍ତୁତ କରିବା ଉଚିତ ନୁହେଁ ।

ସମ୍ପୃକ୍ତ ଆକଳନ ଏବଂ ନିୟନ୍ତ୍ରଣ ଅଧିକାରୀମାନେ ବ୍ୟକ୍ତିଗତ ଧ୍ୟାନ ଦେଇ ଏହା ପ୍ରସ୍ତୁତ କରିବା ଉଚିତ୍, ଯାହା ଦ୍ୱାରା ପ୍ରସ୍ତାବଗୁଡ଼ିକ ବାସ୍ତବ ଆବଶ୍ୟକତା ଏବଂ ପ୍ରକୃତ ଖର୍ଚ୍ଚ କ୍ଷମତା ଉପରେ ଆଧାରିତ ହେବ ।

**୭. ୨୦୨୫-୨୬ ଆର୍ଥିକ ବର୍ଷରେ ଅତିରିକ୍ତ ବଜେଟ ପ୍ରସ୍ତାବ ପ୍ରସ୍ତୁତି :** ଉପରୋକ୍ତ ସର୍ତ୍ତାବଳୀକୁ ଦୃଷ୍ଟିରେ ରଖି ପ୍ରଶାସନିକ ବ୍ୟୟ, କାର୍ଯ୍ୟକ୍ରମ ବ୍ୟୟ, ବିପର୍ଯ୍ୟୟ ସଙ୍କଟ ପରିଚାଳନା ପାଣ୍ଠି ଏବଂ ରାଜ୍ୟରୁ ହସ୍ତାନ୍ତର ବାବଦକୁ ଅତିରିକ୍ତ ବଜେଟ ପ୍ରସ୍ତାବ ନିମ୍ନଲିଖିତ ଉପାୟରେ ପ୍ରସ୍ତୁତ କରିବା ଆବଶ୍ୟକ : -

**୭.୧ ଓଡ଼ିଶା ଆକସ୍ମିକ ପାଣ୍ଠି (OCF) ରୁ ପ୍ରଦାନ କରାଯାଇଥିବା ଅଗ୍ରୀମ ରାଶି ଫେରସ୍ତ :** ଓଡ଼ିଶା ଆକସ୍ମିକ ପାଣ୍ଠି (OCF)ରୁ ସମୟ ସମୟରେ ମଞ୍ଜୁର ହୋଇଥିବା ଅଗ୍ରୀମକୁ ଅତିରିକ୍ତ ବଜେଟରେ ଫେରସ୍ତ କରାଯିବା ଉଚିତ । ପୂର୍ବରୁ ମଞ୍ଜୁର କରାଯାଇଥିବା ଅଗ୍ରୀମ ରାଶି ଫେରସ୍ତ ବିନା, ଓଡ଼ିଶା ଆକସ୍ମିକ ପାଣ୍ଠି (OCF)ରୁ ପୁନଃ ଅଗ୍ରୀମ ମଞ୍ଜୁର କରିବା ସମ୍ଭବ ନୁହେଁ । ତେଣୁ ୨୦୨୫-୨୬ ର ଅତିରିକ୍ତ ବଜେଟ ବିବରଣୀରେ ଓଡ଼ିଶା ଆକସ୍ମିକ ପାଣ୍ଠି (OCF)ରୁ ବକେୟା ଅଗ୍ରୀମ ଅର୍ଥ ଫେରସ୍ତ ପାଇଁ ପ୍ରସ୍ତାବ ଦାଖଲ କରାଯିବ । ସମ୍ପୃକ୍ତ ପ୍ରଶାସନିକ ବିଭାଗ, ଜରୁରୀ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଆକସ୍ମିକ ପାଣ୍ଠି (OCF)ରୁ ନେଇଥିବା ଅଗ୍ରୀମ ରାଶି ବାସ୍ତବ ଖର୍ଚ୍ଚ ଆଧାରରେ ଫେରସ୍ତ ନିମନ୍ତେ ଆଦେଶ ନାମା ଜାରିକରିବା ଆବଶ୍ୟକ । ଅଗ୍ରୀମ ରାଶି ଫେରସ୍ତ ପାଇଁ ପ୍ରସ୍ତାବ ଦାଖଲ କରିବା ସମୟରେ, ଚିଠି ସଂଖ୍ୟା, **OCF** ଅଗ୍ରୀମ ମଞ୍ଜୁର ତାରିଖ ଏବଂ ଆକାଉଣ୍ଟ ବିବରଣୀ (HoA) ସ୍ପଷ୍ଟ ଭାବରେ ଦର୍ଶାଯିବା ଉଚିତ୍ ।

**୭.୨ ବେତନ ଓ ମହଙ୍ଗା ଭତ୍ତା ପାଇଁ ବ୍ୟବସ୍ଥା :** ୨୦୨୫-୨୬ ବଜେଟ ଆକଳନରେ ବେତନ ଓ ମହଙ୍ଗା ଭତ୍ତା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି । କେବଳ ପଦବୀ ପୂରଣ କିମ୍ବା ଆବଶ୍ୟକତା ଠାରୁ କମ୍ ବ୍ୟୟ ବରାଦ ଥିବା ଅତିରିକ୍ତ ବ୍ୟବସ୍ଥା ପାଇଁ ଅନୁମତି ଦିଆଯିବ । ଆବଶ୍ୟକ ସ୍ଥଳେ ଏହାକୁ ପୁନଃ ଆବଣ୍ଟନ ପାଇଁ ଅନୁମୋଦିତ ବ୍ୟବସ୍ଥାରୁ ସଞ୍ଚୟ ସଂଗ୍ରହ କରି ଭରଣା କରାଯିବା ଉଚିତ ।

**୭.୩ ବକେୟା ଘର ଭଡ଼ା, ବିଦ୍ୟୁତ ଦେୟ, ଜଳ ଶୁଳ୍କ ଓ ମ୍ୟୁନିସିପାଲିଟି ଦେୟ ପାଇଁ ବ୍ୟବସ୍ଥା :** ଯଦି ଘର ଭଡ଼ା, ବିଦ୍ୟୁତ ବକେୟା, ଜଳ ଶୁଳ୍କ ଏବଂ ମ୍ୟୁନିସିପାଲିଟି ଦେୟ ବାବଦରେ ବଜେଟ୍ ବ୍ୟବସ୍ଥା ଆବଶ୍ୟକତା ଠାରୁ କମ୍ ହୁଏ, ତେବେ ଆବଶ୍ୟକ ପରିମାଣର ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦାଖଲ କରାଯାଇ ପାରିବ ।

**୭.୪ ଅନୁମୋଦନ ମାଧ୍ୟମରେ ହୋଇଥିବା ଅଗ୍ରୀମ ଖର୍ଚ୍ଚକୁ ନିୟମିତ କରିବାର ବ୍ୟବସ୍ଥା :** କେତେକ କ୍ଷେତ୍ରରେ ଇଞ୍ଜିନିୟରିଂ ବିଭାଗଗୁଡ଼ିକୁ OPWD Code Vol-I ର ପାରା ୩.୭.୧(ବି) ଅନୁଯାୟୀ ବଜେଟ୍ ବ୍ୟବସ୍ଥା ଉପଲବ୍ଧି ବିନା କାର୍ଯ୍ୟ କରିବା ଏବଂ ବ୍ୟୟ ବହନ କରିବାକୁ କ୍ଷମତା ଦିଆଯାଇଛି । ଉଭୟ ପ୍ରଶାସନିକ ବ୍ୟୟ ଏବଂ କାର୍ଯ୍ୟକ୍ରମ ବ୍ୟୟ ଅଧୀନରେ ଅନୁମୋଦନ ମାଧ୍ୟମରେ ହୋଇଥିବା ଅଗ୍ରୀମ ଖର୍ଚ୍ଚକୁ ନିୟମିତ କରିବା ପାଇଁ, ସଞ୍ଚୟ / ନିର୍ଦ୍ଦିଷ୍ଟ ପାଣ୍ଠିର ଉତ୍ସ ସୂଚିତ କରି ପ୍ରସ୍ତାବ ଆଗତ କାରାଯିବା ଉଚିତ୍ ।

**୭.୫ ଅଦାଲତଙ୍କ ନିର୍ଦ୍ଦେଶିତ ଅର୍ଥ ରାଶି ଦେୟ ଓ ଜମି ଅଧିଗ୍ରହଣ ଦେୟ :**

(କ) ଜମି ଅଧିଗ୍ରହଣ ମାମଲା ସମ୍ପର୍କରେ ଅଦାଲତଙ୍କ ନିର୍ଦ୍ଦେଶପାଳନ ପାଇଁ ଆବଶ୍ୟକ ରାଶି, ଯେଉଁଥିରେ ଆବେଦନ କରିବାର କୌଣସି ସୁଯୋଗ ନାହିଁ, ଅତିରିକ୍ତ ବଜେଟରେ "ନିର୍ଦ୍ଦେଶିତ" ଖର୍ଚ୍ଚ ଅଧୀନରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ଦିଆଯାଇ ପାରିବ । ଉକ୍ତ ସମସ୍ତ ଖର୍ଚ୍ଚ ନିମନ୍ତେ ହେଉଥିବା ବ୍ୟୟ ବରାଦ ପାଇଁ ପ୍ରର୍ଯ୍ୟାପ୍ତ ଯଥାର୍ଥତା ତଥା ମାନ୍ୟବର ଅଦାଲତଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ଉପସ୍ଥାପନ କରିବା ଆବଶ୍ୟକ ।

(ଖ) ପ୍ରକଳ୍ପ/ ଯୋଜନା ପାଇଁ ଆବଶ୍ୟକ ହେଉଥିବା ସାଧାରଣ ଜମି ଅଧିଗ୍ରହଣ ଅର୍ଥକୁ ଉକ୍ତ ପ୍ରକଳ୍ପର ଆକାଉଣ୍ଟ ବିବରଣୀ (HoA) ରେ "ଅନୁମୋଦିତ " ଖର୍ଚ୍ଚ ଅଧୀନରେ ପ୍ରସ୍ତାବିତ କରିବା ଉଚିତ୍ ।

**୭.୬ ଅତିରିକ୍ତ ବଜେଟରେ ଲେଖା ସଂଶୋଧନ :** ଯଦି କୌଣସି ପ୍ରସ୍ତାବରେ ଅତିରିକ୍ତ ଅର୍ଥର ଆବଶ୍ୟକତା ନଥାଏ ତେବେ ଉକ୍ତ ଅର୍ଥକୁ ସଞ୍ଚୟ ଭାବେ ଚିହ୍ନଟ କରି କିମ୍ବା ଲେଖା ସଂଶୋଧନ ଜରିଆରେ ଆବଶ୍ୟକ କ୍ଷେତ୍ରରେ ଅତିରିକ୍ତ ପାଣ୍ଠିଭାବେ ବିନିଯୋଗ କରିହେବ । ପୁନଶ୍ଚ, ରାଜସ୍ୱ ହିସାବରୁ ପୁଞ୍ଜି ହିସାବକୁ କିମ୍ବା ଅନୁମୋଦିତ ହିସାବରୁ ନିର୍ଦ୍ଦେଶିତ ହିସାବକୁ କିମ୍ବା ଏହାର ବିପରୀତ ବ୍ୟବସ୍ଥା ଜରିଆରେ ଅର୍ଥ ରାଶି ସ୍ଥାନାନ୍ତରକୁ ଗ୍ରହଣ କରାଯାଇପାରେ । ବାହ୍ୟ ଅନୁଦାନପ୍ରାପ୍ତ ପ୍ରକଳ୍ପଗୁଡ଼ିକ (EAP) ପାଇଁ ପ୍ରତ୍ୟକ୍ଷ ଦେୟ ପ୍ରକ୍ରିୟା ଅଧୀନରେ ବାହ୍ୟ ସହାୟତା ପ୍ରାପ୍ତି ସମ୍ବନ୍ଧରେ ଲେଖା ସଂଶୋଧନ ମଧ୍ୟ ଅତିରିକ୍ତ ବଜେଟ ବ୍ୟୟ ବିବରଣୀରେ କରାଯିବ । ଏହି ବାବଦରେ ପ୍ରସ୍ତାବଗୁଡ଼ିକୁ ଯୋଜନା ଓ ସଂଯୋଜନ ବିଭାଗକୁ ଦାଖଲ କରିବାକ ନିମନ୍ତେ, ଅର୍ଥ ବିଭାଗର ବାହ୍ୟ ଅନୁଦାନପ୍ରାପ୍ତ ପ୍ରକଳ୍ପ (EAP) ଉପ-ବିଭାଗ ନିର୍ଦ୍ଦେଶନାମା ଜାରି କରିବ ।

**୭.୭ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁଦାନପ୍ରାପ୍ତ ରାଜ୍ୟ ସ୍ତରୀୟ ଯୋଜନା ଅଧୀନରେ ଅତିରିକ୍ତ ଆବଶ୍ୟକତା :**

ଜରୁରୀ କାଳୀନ ଜନସେବା ପ୍ରଦାନ, ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରୀ, ଜୀବିକା ସୁଯୋଗ ସୃଷ୍ଟି ଇତ୍ୟାଦି ପାଇଁ ଯଦି କୌଣସି ନୂତନ ଯୋଜନାର ଆବଶ୍ୟକତା ପଡ଼େ, ତେବେ ଅର୍ଥ ବିଭାଗ ପରିପତ୍ର ସଂଖ୍ୟା ୨୩୩୭୩/ଅର୍ଥ ତା.୧୯.୦୮.୨୦୨୩ ରିଖ ମାଧ୍ୟମରେ ଧାର୍ଯ୍ୟ କରାଯାଇଥିବା ଉପଯୁକ୍ତ ପ୍ରକ୍ରିୟାକୁ ଅନୁସରଣ କରି ଅର୍ଥ କମିଟି (EFC/ SFC) ଦ୍ୱାରା ମୂଲ୍ୟାଙ୍କନ ପରେ ହିଁ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ । ଏହି ପରିପ୍ରେକ୍ଷୀରେ ବିଭାଗଗୁଡ଼ିକ ବିଦ୍ୟମାନ ବ୍ୟୟ ସୀମା ମଧ୍ୟରେ ବ୍ୟବସ୍ଥାର ପୁନଃ ଆବଣ୍ଟନ ପାଇଁ ପ୍ରସ୍ତାବ ଦେବା ଆବଶ୍ୟକ । କୌଣସି ଅତିରିକ୍ତ ବ୍ୟୟ ବରାଦ ପ୍ରସ୍ତାବ ନିମନ୍ତେ ଆବଶ୍ୟକ ହେଉଥିବା ରାଶିକୁ ଅନ୍ୟ ଏକ ସମଜାତୀୟ ହିସାବରୁ ସମାନ ପରିମାଣର ସଞ୍ଚୟ ଦର୍ଶାଇବା ବିଧେୟ ।

**୭.୮ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ନିମନ୍ତେ SNA SPARSH ବ୍ୟବସ୍ଥା ପ୍ରଚଳନ :**

(କ) ଭାରତ ସରକାର ପ୍ରାୟ ୧୫୮ ଟି ରାଜ୍ୟ ସମ୍ପର୍କିତ ଯୋଜନା **(SLS)** ସହିତ ଜଡ଼ିତ ୬୭ ଟି **CSS** କୁ ଅଧିସୂଚିତ କରିଛନ୍ତି, ଯାହାକୁ SNA SPARSH ମଡେଲରେ ସାମିଲ କରାଯିବ । ଏପର୍ଯ୍ୟନ୍ତ ୨୨ଟି CSS ରେ ଦେୟ ଆରମ୍ଭ ହୋଇଛି ଏବଂ ୬୧ ଟି SLS ରେ ଖର୍ଚ୍ଚ ଆରମ୍ଭ ହୋଇଛି । ବାକି ୪୫ ଟି CSS ଅନବୋର୍ଡ଼ିଂ ସମାପ୍ତ

ହେବାର ଆବଶ୍ୟକତା ଅଛି, ଯାହା ଆମକୁ ପୁଞ୍ଜି ନିବେଶ ପାଇଁ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ସହାୟତା ଯୋଜନା, ୨୦୨୫-୨୬ର ଭାଗ-୧୦ ଅନ୍ତର୍ଗତ ଦାବିଗୁଡିକୁ ୩୧ ଡିସେମ୍ବର, ୨୦୨୫ ସୁଦ୍ଧା ଅର୍ଥ ମନ୍ତ୍ରାଳୟର ମହାଲେଖା ନିୟନ୍ତ୍ରକଙ୍କ କାର୍ଯ୍ୟାଳୟରେ ଦାଖଲ କରିବାରେ ସହାୟକ ହେବ । ଏଥିପାଇଁ ଅତିରିକ୍ତ ବଜେଟରେ ସମ୍ପୃକ୍ତ ଯୋଜନାର ବଜେଟ ଲାଇନରେ ଅବଶ୍ୟକୀୟ ପରିବର୍ତ୍ତନ ମଧ୍ୟ ଅବଶ୍ୟକ ହେବ ।

(ଖ) PFMSରେ ଉପଲବ୍ଧ ତଥ୍ୟ ଅନୁଯାୟୀ, ଅନେକ ବିଭାଗ ଏପର୍ଯ୍ୟନ୍ତ SNA ଆକାଉଣ୍ଟରେ ୩୧.୦୩.୨୦୨୪ ପର୍ଯ୍ୟନ୍ତ ଅର୍ଜିତ ସୁଧର କେନ୍ଦ୍ରୀୟ ଅଂଶକୁ ଭାରତ ସରକାରଙ୍କ ଏକୀକୃତ ପାଣ୍ଠିରେ ଜମା କରିବା ପ୍ରକ୍ରିୟା ଶେଷ କରିନାହାଁନ୍ତି । ସେମାନେ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ, ଯାହା ଦ୍ୱାରା ଅର୍ଥ ବିଭାଗ ଭାରତ ସରକାରଙ୍କ ନିକଟରେ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବାରେ ସକ୍ଷମ ହେବେ । ପୁନଶ୍ଚ, ୩୧.୦୩.୨୦୨୪ ପର୍ଯ୍ୟନ୍ତ SNA ଆକାଉଣ୍ଟରେ ଅର୍ଜିତ ସୁଧର ରାଜ୍ୟ ଅଂଶ "୦୦୪୯-ସୁଧ ଆୟ-୦୪-ରାଜ୍ୟ ସରକାରଙ୍କ ସୁଧ ଆଦାୟ -୮୦୧- ଅନୁଦାନ ପ୍ରାପ୍ତକାରୀଙ୍କ ଠାରୁ ଅବ୍ୟବହୃତ ରାଶି ଉପରେ ସୁଧ ଓ ଅନ୍ୟ ଆୟ -୦୨୫୦-ଖର୍ଚ୍ଚହୋଇନଥିବା ବଳକା ଅନୁଦାନ ଉପରେ ସୁଧ -୦୨୨୪୫-ଅବ୍ୟବହୃତ ରାଶି ଉପରେ ସୁଧ" ହିସାବ ଚାର୍ଟ ଅଧୀନରେ ରାଜ୍ୟ ରାଜକୋଷରେ ଜମା କରିବାକୁ ପଡିବ ।

**୭.୯ ତା.୩୦ ସେପ୍ଟେମ୍ବର, ୨୦୨୫ ରିଖ ସୁଦ୍ଧା ଏକ ୟୁନିଟ୍ ଅଧୀନରେ ବ୍ୟୟ ବଜେଟ୍ ବ୍ୟବସ୍ଥାର ୪୦% ଭିତରେ ଥିବା କ୍ଷେତ୍ରରେ ପ୍ରତିବନ୍ଧତା :**

ତା.୩୦ ସେପ୍ଟେମ୍ବର, ୨୦୨୫ ରିଖ ସୁଦ୍ଧା ବ୍ୟୟ ବଜେଟ୍ ବ୍ୟବସ୍ଥାର ୪୦% ରୁ କମ୍ ଖର୍ଚ୍ଚ ହୋଇଥିବା ୟୁନିଟ୍ ଅଧୀନରେ ଅତିରିକ୍ତ ଆବଶ୍ୟକତା ସମ୍ବନ୍ଧୀୟ ପ୍ରସ୍ତାବଗୁଡ଼ିକୁ ୨୦୨୫-୨୬ ବର୍ଷ ପାଇଁ ଅତିରିକ୍ତ ବଜେଟ ଅଧୀନରେ ଅନ୍ତର୍ଭୁକ୍ତ କରିବା ପାଇଁ ବିଚାରକୁ ନିଆଯିବ ନାହିଁ ।

**୮. ବଜେଟ୍ ପ୍ରସ୍ତାବ ଦାଖଲ ନିମନ୍ତେ ସମୟ ସୂଚୀ :**

୮.୧ ପ୍ରଶାସନିକ ବିଭାଗଗୁଡ଼ିକୁ ଉପରୋକ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ଯଥାଶୀଘ୍ର ଅତିରିକ୍ତ ବଜେଟ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ଅନୁରୋଧ କରାଯାଇଛି ଏବଂ ନିମ୍ନରେ ଦିଆଯାଇଥିବା ସମୟ ସୂଚୀ ଅନୁଯାୟୀ '**ପରିଶିଷ୍ଟ-କ**' ରେ ବିସ୍ତୃତ ପ୍ରକ୍ରିୟା ଅନୁସରଣ କରି ଯୋଜନା ଏବଂ ସଂଯୋଜନ ବିଭାଗ ଏବଂ ଅର୍ଥ ବିଭାଗକୁ ଅନଲାଇନରେ ସେମାନଙ୍କ ପ୍ରସ୍ତାବ ଦାଖଲ କରିବାକୁ ଅନୁରୋଧ କରାଯାଉଛି :

(କ) ପ୍ରଶାସନିକ ବ୍ୟୟ କ୍ଷେତ୍ରରେ **ତା.୩୧ ଅକ୍ଟୋବର ୨୦୨୫ ରିଖ** ସୁଦ୍ଧା ଅର୍ଥ ବିଭାଗକୁ ଅନଲାଇନ୍ ରେ ପ୍ରସ୍ତାବ ଦାଖଲ କରିବାକୁ ହେବ ।

(ଖ) କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବଗୁଡିକ **ତା.୩୧ ଅକ୍ଟୋବର ୨୦୨୫ ରିଖ** ସୁଦ୍ଧା ଯୋଜନା ଏବଂ ସଂଯୋଜନ ବିଭାଗକୁ ଦାଖଲ କରିବାକୁ ହେବ । ଯୋଜନା ଏବଂ ସଂଯୋଜନ ବିଭାଗ ଏହା ପରେ ପ୍ରଶାସନିକ ବିଭାଗଗୁଡିକୁ କାର୍ଯ୍ୟକ୍ରମ ବ୍ୟୟ ସୀମା ବିଷୟରେ ଅବଗତ କରିବେ । ପ୍ରଶାସନିକ ବିଭାଗ ଗୁଡ଼ିକ ଏହି ସୀମା

ଭିତରେ ଯୋଜନାଗୁଡ଼ିକୁ ସମ୍ବଳ ଆବଣ୍ଟନ କରି ପରବର୍ତ୍ତୀ ସମୟରେ ଯୋଜନା ଏବଂ ସଂଯୋଜନ ବିଭାଗକୁ ଦାଖଲ କରିବେ ।

(ଗ) ଶେଷରେ, ଯୋଜନା ଏବଂ ସଂଯୋଜନ ବିଭାଗର ସହମତି ପ୍ରାପ୍ତ କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବଗୁଡ଼ିକୁ ଅର୍ଥ ବିଭାଗକୁ ଦାଖଲ କରିବାକୁ ହେବ ।

୮.୨ ଉପରୋକ୍ତ ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ବଜେଟ୍ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରାଯିବ ନାହିଁ । ତେଣୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଅତିରିକ୍ତ ବଜେଟ ପ୍ରସ୍ତାବଗୁଡ଼ିକୁ ଦାଖଲ କରିବା ଆବଶ୍ୟକ ।

୮.୩ କୌଣସି ପ୍ରସ୍ତାବ ସମ୍ବନ୍ଧରେ ଦାଖଲ କରିବାକୁ ଥିବା ଅତିରିକ୍ତ ଦସ୍ତାବିଜକୁ ବଜେଟ ପ୍ରୟୋଗ – BETA ମାଧ୍ୟମରେ ଉପସ୍ଥାପନ କରାଯାଇପାରିବ କିମ୍ବା ଇ-ମେଲ୍ ମାଧ୍ୟମରେ ଅର୍ଥ ବିଭାଗର ସମ୍ପୃକ୍ତ ଶାଖା ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇପାରିବ । ଆବଶ୍ୟକ ସ୍ଥଳେ ବଜେଟ୍ ପ୍ରସ୍ତାବ ଚୂଡ଼ାନ୍ତ କରିବା ପାଇଁ ବ୍ୟକ୍ତିଗତ କିମ୍ବା ଭର୍ଚୁଆଲ ମୋଡରେ ବିଚାର ବିମର୍ଶ କରାଯାଇପାରିବ ।

ତେଣୁ, ପ୍ରଶାସନିକ ବିଭାଗଗୁଡ଼ିକୁ ସେମାନଙ୍କ ଅଧୀନରେ ଥିବା ସମସ୍ତ ନିୟନ୍ତ୍ରଣ ଅଧିକାରୀଙ୍କୁ ଉପରୋକ୍ତ ଅନୁଚ୍ଛେଦରେ ଦର୍ଶାଯାଇଥିବା ମାର୍ଗଦର୍ଶିକା ଓ ସମୟସୀମାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଉଛି । ସମସ୍ତଙ୍କ ଅବଗତି ନିମନ୍ତେ ଏହି ଅତିରିକ୍ତ ବଜେଟ ନିର୍ଦ୍ଦେଶନାମା ଅର୍ଥ ବିଭାଗର ୱେବସାଇଟରେ (https://finance.odisha.gov.in/) ଉପଲବ୍ଧ କରାଯାଇଛି ।

**ଆପଣଙ୍କ ବିଶ୍ୱସ୍ତ,**

ଶାଶ୍ୱତ ମିଶ୍ର

ପ୍ରମୁଖ ଶାସନ ସଚିବ

ଜ୍ଞାପକ ସଂଖ୍ୟା. ୨୮୦୨୦ / ଅର୍ଥ, ତା: ୧୪/୧୦/୨୦୨୪ ରିଖ

ଏହାର ଏକକିତା ନକଲ ସମସ୍ତ ବିଭାଗୀୟ ମୁଖ୍ୟ (ନିୟନ୍ତ୍ରଣ ଅଧିକାରୀ)/ ଆର୍ଥିକ ପରାମର୍ଶଦାତା/ ସହକାରୀ ଆର୍ଥିକ ପରାମର୍ଶଦାତା/ ସମସ୍ତ ବିଭାଗୀୟ ମୁଖ୍ୟଙ୍କ ଆକାଉଣ୍ଟସ ଅଧିକାରୀଙ୍କ ବିହିତ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୧୪.୧୦.୨୦୨୪
ଅନୁ ଶାସନ ସଚିବ

ଜ୍ଞାପକ ସଂଖ୍ୟା. ୨୮୦୨୧ / ଅର୍ଥ, ତା: ୧୪/୧୦/୨୦୨୪ ରିଖ

ଏହାର ଏକକିତା ନକଲ ଅର୍ଥ ବିଭାଗର ସମସ୍ତ ଅଧିକାରୀ/ ଡେସ୍କ ଅଧିକାରୀ/ ଉପ ବିଭାଗ ଅଧିକାରୀଙ୍କ ବିହିତ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୧୪.୧୦.୨୦୨୪
ଅନୁ ଶାସନ ସଚିବ

ଜ୍ଞାପକ ସଂଖ୍ୟା. ୨୮୦୨୨ / ଅର୍ଥ, ତା: ୧୪/୧୦/୨୦୨୪ ରିଖ

ଏହାର ଏକକିତା ନକଲ ସମସ୍ତ ଜିଲ୍ଲାର ଜିଲ୍ଲା କୋଷାଗାର, ସ୍ୱତନ୍ତ୍ର କୋଷାଗାର, ଏବଂ ଉପ-କୋଷାଗାରର କୋଷାଗାର ଅଧିକାରୀ / ସମସ୍ତ ଜଳସେଚନ ପ୍ରକଳ୍ପର ଆର୍ଥିକ ପରାମର୍ଶଦାତା-ତଥା-ମୁଖ୍ୟ ଆକାଉଣ୍ଟ ଅଧିକାରୀଙ୍କ ବିହିତ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୧୪.୧୦.୨୦୨୪
ଅନୁ ଶାସନ ସଚିବ

ଜ୍ଞାପକ ସଂଖ୍ୟା. ୨୮୦୨୩ / ଅର୍ଥ, ତା: ୧୪/୧୦/୨୦୨୪ ରିଖ

ପ୍ରମୁଖ ଶାସନ ସଚିବ/ ସ୍ୱତନ୍ତ୍ର ଶାସନ ସଚିବ/ଅତିରିକ୍ତ ଶାସନ ସଚିବଙ୍କ ବିହିତ ଅବଗତି ନିମନ୍ତେ ଏହାର ଏକକିତା ନକଲ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ/ସ୍ୱତନ୍ତ୍ର ଶାସନ ସଚିବ/ଅତିରିକ୍ତ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବଙ୍କୁ ପ୍ରେରଣ କରାଗଲା ।

୧୪.୧୦.୨୦୨୪
ଅନୁ ଶାସନ ସଚିବ

ଜ୍ଞାପକ ସଂଖ୍ୟା. ୨୮୦୨୪ / ଅର୍ଥ, ତା: ୧୪/୧୦/୨୦୨୪ ରିଖ

ଏହାର ଏକକିତା ନକଲ ଯୋଜନା ଏବଂ ସଂଯୋଜନ ବିଭାଗର ଅତିରିକ୍ତ ଶାସନ ସଚିବଙ୍କ ବିହିତ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୧୪.୧୦.୨୦୨୪
ଅନୁ ଶାସନ ସଚିବ

ଜ୍ଞାପକ ସଂଖ୍ୟା. ୨୮୦୨୫ / ଅର୍ଥ, ତା: ୧୪/୧୦/୨୦୨୪ ରିଖ

ଅର୍ଥ ବିଭାଗର ୱେବସାଇଟ (https://finance.odisha.gov.in/)ରେ ଉପଲବ୍ଧ କରିବା ନିମନ୍ତେ ଏହାର ଏକକିତା ନକଲ ପୋର୍ଟାଲ-ଇନ୍-ଚାର୍ଜ, FID ଙ୍କ ପାଖକୁ ପ୍ରେରଣ କରାଗଲା ।

୧୪.୧୦.୨୦୨୪
ଅନୁ ଶାସନ ସଚିବ

ପରିଶିଷ୍ଟ -କ

**ବଜେଟ୍ ପ୍ରସ୍ତାବ ଦାଖଲ ପ୍ରକ୍ରିୟା**

୧. ପ୍ରଶାସନିକ ବ୍ୟୟ, ବିପର୍ଯ୍ୟୟ ସଙ୍କଟ ପରିଚାଳନା ପାଣ୍ଠି ଏବଂ ରାଜ୍ୟରୁ ହସ୍ତାନ୍ତର ପାଇଁ ନିୟନ୍ତ୍ରଣ ଅଧିକାରୀମାନେ IFMS ପ୍ଲାଟଫର୍ମ ବ୍ୟବହାର କରି ପ୍ରଶାସନିକ ବିଭାଗକୁ ପ୍ରସ୍ତାବ ଦାଖଲ କରିବେ । ପ୍ରଶାସନିକ ବିଭାଗର ସମସ୍ତ ନିୟନ୍ତ୍ରଣ ଅଧିକାରୀଙ୍କ ସମନ୍ୱିତ ପ୍ରସ୍ତାବକୁ IFMSରୁ ୱେବ୍ ସେବା ମାଧ୍ୟମରେ "ଅନଲାଇନ ବଜେଟ୍ ସଂକଳନ ବ୍ୟବସ୍ଥା – BETA" କୁ ସ୍ଥାନାନ୍ତର କରାଯିବ । ପ୍ରଶାସନିକ ବିଭାଗଗୁଡ଼ିକ ସମନ୍ୱିତ ପ୍ରସ୍ତାବଗୁଡିକ ଯାଞ୍ଚ କରିବା ପରେ ସଚିବାଳୟ LAN ରେ ଅନଲାଇନ୍ ବଜେଟ୍ ସଂକଳନ ବ୍ୟବସ୍ଥା (http://onlinebudget.gov.in/BETA/) ବ୍ୟବହାର କରି ଅର୍ଥ ବିଭାଗକୁ ଦାଖଲ କରିବେ ।

୨. ସେହିପରି IFMS ର ବଜେଟ ପ୍ରସ୍ତୁତି ମଡ୍ୟୁଲରେ ୨୦୨୫-୨୬ ଅତିରିକ୍ତ ବ୍ୟୟ ବିବରଣୀ ପାଇଁ କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବ ମଧ୍ୟ ଆଗତ କରାଯିବ । ନିୟନ୍ତ୍ରଣ ଅଧିକାରୀମାନେ IFMS ପ୍ଲାଟଫର୍ମ ବ୍ୟବହାର କରି ପ୍ରଶାସନିକ ବିଭାଗରେ ପ୍ରସ୍ତାବ ଦାଖଲ କରିବା ଆବଶ୍ୟକ । ନିୟନ୍ତ୍ରଣ ଅଧିକାରୀ ଆକାଉଣ୍ଟ ଚାର୍ଟ ବ୍ୟବହାର କରି ସେମାନଙ୍କ ର କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବ ଦରଜ କରିବେ । ବିଦ୍ୟମାନ ଆକାଉଣ୍ଟ/ସ୍କିମ୍ ର ଚାର୍ଟଗୁଡ଼ିକ ନିର୍ଦ୍ଦିଷ୍ଟ ଉନ୍ନୟନ/ ସମ୍ବଳ ଆକାଉଣ୍ଟ ସହ ସଂଯୁକ୍ତ । ନୂଆ ସ୍କିମ୍/ ଆକାଉଣ୍ଟ ଚାର୍ଟ ପ୍ରବେଶ କରିବା କ୍ଷେତ୍ରରେ ନିୟନ୍ତ୍ରଣ ଅଧିକାରୀମାନେ ତାଲିକାରୁ ଚୟନ କରି ବିକାଶର ଉପଯୁକ୍ତ ସମ୍ବଳ ଆକାଉଣ୍ଟ ସହ ସଂଯୋଗ କରିବା ଆବଶ୍ୟକ । ନିୟନ୍ତ୍ରଣ ଅଧିକାରୀମାନେ ଦାଖଲ କରିଥିବା ପ୍ରସ୍ତାବଗୁଡ଼ିକୁ ସଂପୃକ୍ତ ପ୍ରଶାସନିକ ବିଭାଗ ଯାଞ୍ଚ କରିବା ସହ ପ୍ରଶାସନିକ ବିଭାଗ ପକ୍ଷରୁ ସମନ୍ୱିତ ପ୍ରସ୍ତାବ ଦାଖଲ କରାଯିବ । ପ୍ରଶାସନିକ ବିଭାଗର ସମସ୍ତ ନିୟନ୍ତ୍ରଣ ଅଧିକାରୀଙ୍କ ସମନ୍ୱିତ ପ୍ରସ୍ତାବକୁ IFMS ୱେବ୍ ସେବା ଜରିଆରେ "ଅନଲାଇନ ବଜେଟ୍ ସଂକଳନ ବ୍ୟବସ୍ଥା – BETA" କୁ ସ୍ଥାନାନ୍ତର କରାଯିବ । କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବ ଗୁଡ଼ିକ, BETA ମାଧ୍ୟମରେ ଯୋଜନା ଓ ସଂଯୋଜନ ବିଭାଗ ନିକଟରେ ଉପଲବ୍ଧ ହେବ । ଯୋଜନା ଓ ସଂଯୋଜନ ବିଭାଗ ଆକାଉଣ୍ଟ ଚାର୍ଟ ଅନୁଯାୟୀ ଅନଲାଇନରେ ବ୍ୟୟ ସୀମା ଆବଣ୍ଟନ କରିବେ । ପ୍ରଶାସନିକ ବିଭାଗ ଗୁଡ଼ିକ ଏହି ସୀମା ଭିତ୍ତିରେ ଯୋଜନାଗୁଡ଼ିକୁ ସମ୍ବଳ ଆବଣ୍ଟନ କରି ପରବର୍ତ୍ତୀ ସମୟରେ ଯୋଜନା ଏବଂ ସଂଯୋଜନ ବିଭାଗର ଅନୁମୋଦନ ପାଇଁ ଦାଖଲ କରିବେ । ଅନୁମୋଦନ ପ୍ରାପ୍ତ ପରେ ପ୍ରଶାସନିକ ବିଭାଗଗୁଡ଼ିକ ସଚିବାଳୟ LANରେ "ଅନଲାଇନ ବଜେଟ୍ ସଂକଳନ ବ୍ୟବସ୍ଥା – BETA" ବ୍ୟବହାର କରି କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବଗୁଡ଼ିକୁ ଅର୍ଥ ବିଭାଗକୁ ଦାଖଲ କରିବେ । କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବଗୁଡିକ କେବଳ IFMSର ଅନଲାଇନ୍ ବ୍ୟବସ୍ଥା ଏବଂ "ଅନଲାଇନ ବଜେଟ୍ ସଂକଳନ ବ୍ୟବସ୍ଥା – BETA" ଜରିଆରେ ଦାଖଲ କରିବାକୁ ପଡିବ ।

୩. ଅତିରିକ୍ତ ବଜେଟ, ୨୦୨୫-୨୬ ପାଇଁ ପ୍ରସ୍ତାବ ଦାଖଲ କରିବା ସମୟରେ ପ୍ରଶାସନିକ ବିଭାଗଗୁଡ଼ିକ ପୁନଃ ଆବଣ୍ଟନ ମାଧ୍ୟମରେ ନୂତନ ଭାବେ ବ୍ୟବସ୍ଥା କରିବା ପାଇଁ କିମ୍ବା କେତେକ ବ୍ୟୟ ୟୁନିଟ୍ ରେ ବୃଦ୍ଧି ନିମନ୍ତେ, ଅନ୍ୟ ବ୍ୟୟ ୟୁନିଟ୍ ଅଧୀନରେ ସଞ୍ଚୟ ଚିହ୍ନଟ କରିବାକୁ ପଡ଼ିବ । ପର୍ଯ୍ୟାପ୍ତ ପାଣ୍ଠିର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପ୍ରଶାସନିକ ବିଭାଗଗୁଡ଼ିକୁ IFMSରେ ଏକ ନିର୍ଦ୍ଦିଷ୍ଟ ୟୁନିଟ୍ ଅଧୀନରେ ପାଣ୍ଠିର ଉପଲବ୍ଧତା ଦର୍ଶାଇବାକୁ ପଡିବ । ସେହି ୟୁନିଟ୍ ଅଧୀନରେ ଉକ୍ତ ସଞ୍ଚୟକୁ ଅତିରିକ୍ତ ବଜେଟ ସମ୍ପୃକ୍ତ ସମର୍ପଣ / ପୁନଃ ବିନିଯୋଗ ମାଧ୍ୟମରେ ବ୍ୟବହାର ନ ହେବା ପର୍ଯ୍ୟନ୍ତ ଅବରୋଧ କରିବାକୁ ପଡିବ । IFMS ସଞ୍ଚୟ ପାଇଁ ଚିହ୍ନଟ ହୋଇଥିବା ଆବଣ୍ଟନକୁ ଅବରୋଧ କରିବ ଏବଂ ଅତିରିକ୍ତ ବଜେଟ ସମ୍ପୃକ୍ତ ସମର୍ପଣ ଏବଂ ପୁନଃ ବିନିଯୋଗ ପ୍ରକ୍ରିୟା ଶେଷ ନ ହେବା ପର୍ଯ୍ୟନ୍ତ ଆଉ କୌଣସି ବିତରଣ / ବ୍ୟବହାରକୁ ଅନୁମତି ଦେବ ନାହିଁ ।

***